भारतीय प्रौद्योगिकी संस्थान भुवनेश्वर

**Indian Institute of Technology Bhubaneswar**

**Press Release**

# ଆଇଆଇଟି ଭୁବନେଶ୍ୱରରେ ହିନ୍ଦୀ କର୍ମଶାଳା ଆୟୋଜିତ

**ଭୁବନେଶ୍ୱର, ୨୨ ସେପ୍ଟେମ୍ବର ୨୦୨୪:** ଭାରତୀୟ ପ୍ରଦ୍ୟୋଗିକୀ ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱରର ରାଜଭାଷା ୟୁନିଟ୍ ପକ୍ଷରୁ ୨୦ ସେପ୍ଟେମ୍ବର ୨୦୨୪ରେ ପ୍ରତିଷ୍ଠାନର ସମସ୍ତ କର୍ମଚାରୀ ଏବଂ ଅଧ୍ୟାପିକବୃନ୍ଦଙ୍କ ପାଇଁ ଏକ ହିନ୍ଦୀ କର୍ମଶାଳା ଆୟୋଜିତ ହୋଇଯାଇଛି। ଆଇଆଇଟି ଖଡଗପୁରର ବରିଷ୍ଠ ହିନ୍ଦୀ ଅଧିକାରୀ ଡକ୍ଟର ରାଜୀବ ରାଓତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜର ଅଭିଜ୍ଞତା ଏବଂ ଜ୍ଞାନ ବାଣ୍ଟିଥିଲେ।

ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରତିଷ୍ଠାନର ରେଜିଷ୍ଟ୍ରାର ଶ୍ରୀ ବାମଦେବ ଆଚାର୍ଯ୍ୟ କର୍ମଶାଳାର ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ।

ଅନୁଷ୍ଠାନର ଅଧ୍ୟାପକ ଏବଂ ଅନ୍ୟ କର୍ମଚାରୀମାନେ ଉତ୍ସାହର ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଅନୁଷ୍ଠାନରେ ସରକାରୀ ଭାଷା ହିନ୍ଦୀକୁ ପ୍ରୋତ୍ସାହିତ କରିବା ପାଇଁ ହିନ୍ଦୀ ପକ୍ଷ ଅବସରରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ହିନ୍ଦୀ ପ୍ରଚାର ଏବଂ ଅନୁଷ୍ଠାନରେ ଏହାର ଗୁରୁତ୍ୱକୁ ପ୍ରୋତ୍ସାହିତ କରିବା । ଆଇଆଇଟି ଭୁବନେଶ୍ୱର ପ୍ରତିବର୍ଷ ହିନ୍ଦୀ ପକ୍ଷ ଅବସରରେ ଏହିପରି କାର୍ଯ୍ୟକ୍ରମ ଆୟୋଜନ କରିଥାଏ, ଯାହାଫଳରେ ରାଷ୍ଟ୍ର ଭାଷା ଭାବରେ ହିନ୍ଦୀର ବ୍ୟବହାର ଅନୁଷ୍ଠାନର କର୍ମଚାରୀଙ୍କ ମଧ୍ୟରେ ପ୍ରଚାର ହୋଇପାରିବ।

ରାଜଭାଷା ୟୁନିଟ୍ ର ପ୍ରଫେସର-ଇନ-ଚାର୍ଜ୍ ଡକ୍ଟର ଚେତନଙ୍କ ଦ୍ୱାରା ଏହି କର୍ମଶାଳା ଉଦ୍ଘାଟିତ ହୋଇଥିଲା ଏବଂ ସେ ମୁଖ୍ୟ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ ଜଣାଇଥଲେ। ଅଧ୍ୟାପକବୃନ୍ଦ ଏବଂ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସହକାରୀ ଲାଇବ୍ରେରିଆନ ଶମ୍ଭୁନାଥ ସାହୁ ଧନ୍ୟବାଦ  ପ୍ରସ୍ତାବ ଦେଇଥିଲେ। ଏହି କର୍ମଶାଳାକୁ ହିନ୍ଦୀ ଅନୁବାଦକ ଶ୍ରୀ ହେମନ୍ତ କୁମାର ଯାଦବ ସଂଯୋଜନା କରିଥିଲେ।

ହିନ୍ଦୀ ଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ଅନୁଷ୍ଠାନର କର୍ମଚାରୀଙ୍କ ମଧ୍ୟରେ ସରକାରୀ ଭାଷା ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା ।

-------------------